ଭାରତୀୟ ରିଜର୍ଭ ବ୍ୟାଙ୍କ ୨୦୦୪-୧୯
ଡିସିଏମ(ଏନ୍ଇ) ନଂ. ୩୧୦/୦୮୦୭.୧୮/୨୦୦୩-୦୪

ଜାନୁଆରୀ ୧୯, ୨୦୦୪

**ଅଧ୍ୟକ୍ଷ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ**
**ସମସ୍ତ କରେନ୍ସି ଚେଷ୍ଟ ସଞ୍ଚାଳନ କରୁଥିବା ଶାଖା ସମୂହର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ**

ମହାଶୟ,

**<u>ନୋଟ୍, ମୁଦ୍ରା ଇତ୍ୟାଦିର ବଦଳ ପାଇଁ ଜନସାଧାରଣଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା</u>**

ଆପଣମାନେ ଅବଗତ ଅଛନ୍ତି ଯେ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ଏବଂ ମୁଦ୍ରା ଗୁଡିକର ବଣ୍ଟନ ଓ ବଦଳ ଭଳି ଖୁଚୁରା ସେବା ଜନସାଧାରଣଙ୍କୁ ଯୋଗାଇ ଦେଉଛି। ଆମର ଆଞ୍ଚଳିକ କାର୍ଯ୍ୟାଳୟ ଗୁଡିକ ସମସ୍ତ ମୂଲ୍ୟବର୍ଗର ନୂତନ/ଉତ୍ତମ ନୋଟ୍ ଏବଂ ମୁଦ୍ରା ଗୁଡିକର ଜାରୀ, ମଇଳା ନୋଟ୍ ଗୁଡିକର ବଦଳ, ଚିରା-ଫଟା ନୋଟର ନ୍ୟାୟୋଚିତ୍ ବଦଳ ମୂଲ୍ୟ ପ୍ରଦାନ ଏବଂ କାରବାର ବା ବିନିମୟରେ ମୁଦ୍ରା ଓ ନୋଟ୍ ଗୁଡିକୁ ଗ୍ରହଣ କରି ଆସୁଅଛି। ଏହି ସେବାର ସଂପ୍ରସାରଣ ପାଇଁ ଆମେ ସରକାରୀ କ୍ଷେତ୍ର ବ୍ୟାଙ୍କ, ଘରୋଇ କ୍ଷେତ୍ର ବ୍ୟାଙ୍କ ଓ କେତେକ ବିଦେଶୀ ବ୍ୟାଙ୍କକୁ କରେନ୍ସି ଚେଷ୍ଟ ଓ ସ୍ମଲ କଏନ୍ ଡିପୋମାନ ଖୋଲିବା ପାଇଁ ଅନୁମତି ଦେଇଛୁ । ଆମେ ମଧ୍ୟ ସରକାରୀ କ୍ଷେତ୍ର ବ୍ୟାଙ୍କ ଏବଂ ଅନ୍ୟ ବ୍ୟାଙ୍କ ଗୁଡ଼ିକର କରେନ୍ସି ଚେଷ୍ଟ ଥିବା ବ୍ୟାଙ୍କ ମାନଙ୍କୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ନୋଟ ଫେରସ୍ତ) ନିୟମ ଅନୁଯାୟୀ ଚିରାଫଟା ନୋଟ୍ ଗୁଡିକର ନ୍ୟାୟୋଚିତ ମୂଲ୍ୟ ପ୍ରଦାନ କରିବାକୁ ପୂର୍ଣ୍ଣ କ୍ଷମତା ପ୍ରଦାନ କରନ୍ତୁ।

୨. ନିକଟ ଅତୀତରେ ଆମେ କରେନ୍ସି ଚେଷ୍ଟଶାଖା ଗୁଡ଼କରେ ଏବଂ ସେମାନଙ୍କ ମାଧ୍ୟମରେ କରେନ୍ସି ଚେଷ୍ଟ ନଥିବା ଶାଖାଗୁଡିକରେ ନୂଆ ନୋଟ୍ ଓ ମୁଦ୍ରାର ପର୍ଯ୍ୟାପ୍ତ ପ୍ରାପ୍ତି ସୁନିଶ୍ଚିତ କରିବା ଲାଗି ବିଭିନ୍ନ ପଦକ୍ଷେପ ନେଇଛୁ। ପୁନଶ୍ଚଃ, ଆମେ କେବଳ କରେନ୍ସି ଚେଷ୍ଟରେ ଗଚ୍ଛିତ ଥିବା ମଇଳା ନୋଟ୍ ଗୁଡିକର ଉତ୍ତୋଳନ କରିନାହୁଁ, ଅଧିକନ୍ତୁ କରେନ୍ସି ଚେଷ୍ଟରୁ ମଇଳା ନୋଟର ନିୟମିତ ନିଷ୍କାସନ ଏବଂ ସତ୍ୟାପନ ଓ ପ୍ରକ୍ରିୟା କରଣ ବ୍ୟବସ୍ଥା (ସିଭିପିଏସ) ମାଧ୍ୟମରେ ସେଗୁଡିକର ତୁରନ୍ତ ସମାପନ ଲାଗି ଅତି ଉଚ୍ଚକୋଟୀର ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପର୍ଯ୍ୟାପ୍ତ ଭିତ୍ତିଭୂମିର ବ୍ୟବସ୍ଥା କରିଛୁ।

୩. ସମସ୍ତ ମୂଲ୍ୟବର୍ଗର ନୂତନ/ଉତ୍ତମ ନୋଟ ଏବଂ ମୁଦ୍ରାର ଆବଶ୍ୟକତା ପୂରଣକରିବା, ମଇଳା ନୋଟର ବଦଳ, ଚିରାଫଟା ନୋଟର ନ୍ୟାୟୋଚିତ ମୂଲ୍ୟ ପ୍ରଦାନ ଏବଂ କାରବାର ବା ବିନିମୟ ମାଧ୍ୟମରେ ମୁଦ୍ରା/ ନୋଟ୍ ଗ୍ରହଣ ଗ୍ରାହକ ସେବାଗୁଡିକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଏହା ସ୍ଥିର କରାଯାଇଛି ଯେ ଦେଶର ସମସ୍ତ ସ୍ଥାନରେ ଥିବା କରେନ୍ସି ଚେଷ୍ଟ ଥିବା ବ୍ୟାଙ୍କ ଗୁଡିକର ସମସ୍ତ ଶାଖା ଅଧିକ ତତ୍ପରତା ଓ ସ୍ଫୂର୍ତ୍ତୀଶୀଳତା ସହ ଏହି ସେବାଗୁଡିକୁ ଜନସାଧାରଣଙ୍କୁ ଯୋଗାଇ ଦେବା ଉଚିତ ଯାହା ଫଳରେ ସେମାନଙ୍କର କେବଳ ଏହି ଉଦ୍ଦେଶ୍ୟ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ସହ ସଂପର୍କ ରଖିବାର ଆବଶ୍ୟକତା ପଡ଼ିବ ନାହିଁ। ଆପଣଙ୍କ ଶାଖାମାନଙ୍କରେ ଏସବୁ ସୁବିଧାଗୁଡିକ ଉପଲବ୍ଧ ହେଉଥିବାର ସୂଚନା ଜନସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରିବାକୁ ମୁଁ ଆପଣଙ୍କୁ ଅନୁରୋଧ କରୁଛି।

୪. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ।

ଆପଣଙ୍କର ବିଶ୍ୱସ୍ତ
(ପି.କେ ବିଶ୍ୱାସ)